# Akashvani, Sambalpur

# SAMBALPURI NEWS MORNING BULLETIN

# 26 March 2026 - 6.47- 6.52 am.

---

ମୁଖ୍ୟମନ୍ତ୍ରୀ-ଗୃହ ବିଭାଗ ଖର୍ଚ୍ଚା ଦାବି                ଆର୍‌ଏନ୍‌ୟୁ/ ସମ୍ବଲପୁର

ରାଏଜେ ନୂଆ ସରକାର ଆସ୍‌ଲା ଦିନୁ ମହିଲା ବିରୋଧି ହିଂସା ମାମଲା ବହୁତ୍‌ଟେ କମିଛେ ବଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ । ବିଧାନ ସଭା ନ ଗଲାକାଏଲ୍ ଗୃହ ଆଉ ସାଧାରଣ ପ୍ରଶାସନ ବିଭାଗର୍ ଖର୍ଚ୍ଚା ଦାବି ଆଲୋଚନାଥି ଉତର ରଖିକରି ମୁଖ୍ୟମନ୍ତ୍ରୀ କହିଛନ, ନୂଆ ସରକାର ଆସ୍‌ବାର୍ ଦିନୁ ରାଏଜେ ବଲାତ୍କାର ମାମଲା ୩ ଦଶମିକ ୫ ପ୍ରତିଶତ୍‌କେ କମିଥିବାର୍‌ବେଲେ ହତ୍ୟା ମାମଲା ୭ ଦଶମିକ୍ ୪ ପ୍ରତିଶତ, ଡକାୟତି ମାମଲା ୧୨ ଦଶମିକ ୮ ପ୍ରତିଶତ୍‌କେ କମିଛେ । ଇ ସମିଆଥି ୨୭ ଝନ୍ ନକ୍ସଲଙ୍କୁ ହତ୍ୟା କରାଯାଇଥିବାର୍‌ବେଲେ ୭୭ ଝନ୍ ଆତ୍ମସମର୍ପଣ କରିଛନ୍ । ଇହାଦେ ରାଏଜେ ନକ୍ସଲଙ୍କର ସଂଖ୍ୟା ମାତ୍ର ୯ ରହିଛେ । ଇ ମାସର୍

ଶେଷ୍ ବେଲ୍‌ତକ୍ ରାଜ୍ୟ ନକ୍ସଲମୁକ୍ତ ହେବା ବଲି ମୁଖ୍ୟମନ୍ତ୍ରୀ କହିଛନ୍ । ମୁଖ୍ୟମନ୍ତ୍ରୀ ଆହୁରି କହିଛନ୍, ଇ ସମିଆ ଭିତ୍‌ରେ ସରକାର ୨୬ଟା ବିଭାଗର୍ ୩୯ ହଜାର ୫ ଶହ ୫ ଜନ୍‌ଙ୍କୁ ନିଯୁକ୍ତି ଦେଇଛନ୍ । ୩୭ ହଜାର ୬ ଶହ ୪୧ଟା ପଦ୍‌ଥି ନିଯୁକ୍ତି ଦେବାର୍‌କେ ନିର୍ଦ୍ଦେଶ ଦେଇଛନ୍ । ଦୁର୍ନୀତି ବିରୋଧିଥି ଭିଲ୍ ସରକାର କଡ଼ା ଆଭିମୁଖ୍ୟ ଗ୍ରହଣ କରିଛନ୍ ବଲି ମୁଖ୍ୟମନ୍ତ୍ରୀ କହିଛନ୍ ।

ଉପମୁଖ୍ୟମନ୍ତ୍ରୀ-ଛତୁ ସମ୍ମିଳନୀ ଆଇ.ଆଣ୍ଡ୍.ପି.ଆର୍

ସାରା ଦେଶେ ଉତ୍ପାଦିତ୍ ହେଉଥିବା ଛତିର୍ ୧୧ ପ୍ରତିଶତ୍ ଖାଲି ଓଡ଼ିଶା ନ ଉତ୍ପାଦିତ୍ ହେଉଛେ ବଲି ଉପମୁଖ୍ୟମନ୍ତ୍ରୀ ଆଉ କୃଷିମନ୍ତ୍ରୀ କନକ୍ ବର୍ଦ୍ଧନ୍ ସିଂହଦେଓ କହିଛନ୍ । ଭୁବ୍‌ନେଶ୍ୱର୍ ନ ଗଲାକାଏଲ୍ ଛତୁ କନ୍‌କ୍ଲେଭ୍-୨୦୨୬ କେ ଉଦ୍‌ଘାଟନ୍ କରିକରି ଉପମୁଖ୍ୟମନ୍ତ୍ରୀ ଶ୍ରୀ ସିଂହଦେଓ କହିଛନ୍, ଇ ବଛର୍ ଓଡ଼ିଶା ନ ୬୩ ହଜାର୍ ମେଟ୍ରିକ୍ ଟନ୍ ଛତି ଉତ୍ପାଦନ୍ କରାଯାଇଛେ । ରାଜ୍ୟ ସର୍‌କାର୍‌ଙ୍କର୍

ପ୍ରୋତ୍ସାହନ୍ ବଲେ ଛତୁ ଚାଷ୍ଥି ଆଏଜ୍ ଏତେ ସଫଲତା ମିଲିଛେ ବଲି ଶ୍ରୀ ସିଂହଦେଓ କହିଛନ୍ ।

ଧର୍ମେନ୍ଦ୍ର ପ୍ରଧାନ-କେନ୍ଦ୍ରମନ୍ତ୍ରୀଙ୍କୁ ଚିଠି       ପିଆଇବି

ମଧ୍ୟପ୍ରାଚ୍ୟ ନ ଲାଗି ରହିଥିବା ସ୍ଥିତି ଆଉ ବିଶ୍ୱସ୍ତରର୍ ଭୂ-ରାଜନୈତିକ୍ ଅସ୍ଥିର୍ତା ଭିତ୍‌ରେ ଦେଶର୍ ଶକ୍ତି ସୁରକ୍ଷାକେ ବର୍‌କସ୍ କର୍‌ବାରକେ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଜୋର୍ ଦେଇଛନ୍ । ଆଗ୍‌କେ ଦେଶର୍ ଇନ୍ଧନ ଆବଶ୍ୟକତାକେ ସୁରକ୍ଷିତ୍ ରଖ୍‌ବାର୍ ସଙ୍ଗେ ଯାଜପୁର ଜିଲ୍ଲାର୍ ଚଣ୍ଡିଖୋଲ ନ ଥାପ୍‌ନା ହେବାର୍‌କେ ଥିବା ୪ ମିଲିୟନ୍ ମେଟ୍ରିକଟନ୍ କ୍ଷମତାର୍ ଷ୍ଟ୍ରାଟେଜିକ୍ ପେଟ୍ରୋଲିୟମ୍ ରିଜର୍ଭ ପ୍ରକଳ୍ପ କାମ୍ ଶେଷ୍ କର୍‌ବାର୍ ଦିଗେ ପଦକ୍ଷେପ୍ ନେବାର୍‌କେ ଶ୍ରୀ ପ୍ରଧାନ କେନ୍ଦ୍ର ପେଟ୍ରୋଲିୟମ୍ ଆଉ ପ୍ରାକୃତିକ ଗେସ୍ ମନ୍ତ୍ରୀ ହରଦୀପ୍ ସିଂହ ପୁରୀ ଆଉ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଚିଠି ଜରିଏ ଅନୁରୋଧ କରିଛନ୍ ।

ଗେସ୍ ସ୍ଥିତି-ମୁଖ୍ୟ ଶାସନ ସଚିବ		ଆଇ ଆଣ୍ଡ୍ ପି.ଆର୍

ଦେଶେ ଭରପୁର୍ ମାତ୍ରାଥି ରନ୍ଧା ଗେସ୍ ଆଉ ପେଟ୍ରୋଲିୟମ୍ ଦରବ୍ ମହଜୁଦ୍ ଅଛେ । ଗୁଜବ୍ କି ଅପପ୍ରଚାର୍ ଉପ୍ରେ ଲୁକେ ବିଶ୍ୱାସ୍ ନାଇଁ କର୍‌ବାର୍‌କେ ରାଜ୍ୟବାସୀଙ୍କୁ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ ପରାମର୍ଶ ଦେଇଛନ୍ । ଦେଶେ ପେଟ୍ରୋଲିୟମ୍ ଆଉ ଗେସ୍‌ର ନିରନ୍ତର ଯୋଗାଣ ସୁନିଶ୍ଚିତ୍ କର୍‌ବାର୍ ଲାଗି କେନ୍ଦ୍ର ପେଟ୍ରୋଲିୟମ୍ ମନ୍ତ୍ରଣାଲୟ ତର୍‌ଫୁ ଗଲାକାଏଲ୍ ଆଭାସୀ ଜରିଏ ହେଇଥିବା ଗୁଟେ ବୈଠକ୍‌ଥି ମୁଖ୍ୟ ଶାସନ ସଚିବ ଶ୍ରୀମତୀ ଗର୍ଗ ଆଲୋଚନା କର୍‌ବାର୍ ଉତ୍‌ରୁ କହିଛନ୍, ଇଛନିର୍ ସ୍ଥିତକେ ନଜର୍‌ଥି ରଖିକରି ଦେଶେ ଇନ୍ଧନ ଯୋଗାଣ ଯେନ୍ତା ପ୍ରଭାବିତ୍ ନାଇଁ ହେବା ସେ ଦିଗେ ଧ୍ୟାନ ଦିଆଯିବା । ଗେସ୍ ଆଉ ଇନ୍ଧନ ଯୋଗାଣ ଲାଗି ମନ୍ତ୍ରଣାଳୟର୍ ନିୟମାବଳୀ ପାଲନ୍ କର୍‌ବାର ଲାଗି ନିର୍ଦ୍ଦେଶ୍ ଦିଆଯାଇଛେ ।

ମନ୍ କି ବାତ୍		ଆର୍‌ଏନ୍‌ୟୁ/ ସମ୍ବଲପୁର

ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଏବା ରଏବାର୍ ଦିନ ସଖାଲର୍ ୧୧ ବଜେ ଆକାଶ୍‌ବାଣୀର୍ ମନ୍ କି ବାତ୍ କାର୍ଯ୍ୟକ୍ରମ୍ ଜରିଏ ଦେଶ୍ ଆଉ ଦୁନିଆସାରା ଲୁକ୍‌କର୍ ସାଙ୍ଗେ ବିଚାର୍ ବିନିମୟ କର୍‌ବେ । ଇଟା ତାଙ୍କର୍ ଶହେ ୩୨ ନମ୍ବର୍ ମନ୍ କି ବାତ୍ କାର୍ଯ୍ୟକ୍ରମ୍ ହେବା ।

ମନ୍ କି ବାତ୍ କାର୍ଯ୍ୟକ୍ରମ୍ ଆକାଶ୍‌ବାଣୀ ଆଉ ଦୂର୍‌ଦର୍ଶନ୍ ଜରିଏ ଆର୍ ଏଆଇଆର୍ ନ୍ୟୁଜ୍ ଓ୍ୱେବ୍‌ସାଇଟ୍ 'ନ୍ୟୁଜ୍ ଅନ୍ ଏଆଇଆର୍' ମୋବାଇଲ୍ ଆପ୍‌ଥି ପ୍ରସାରଣ୍ କରାଯିବା । ଆକାଶ୍‌ବାଣୀ ସମ୍ବାଦ, ଡିଡି ନ୍ୟୁଜ୍, ପିଏମ୍‌ଓ ଅଫିସ୍ ଆଉ ସୂଚନା ଆଉ ପ୍ରସାରଣ୍ ମନ୍ତ୍ରଣାଳୟର ୟୁ-ଟ୍ୟୁବ୍ ଚେନାଲ୍‌ଥି ଭିଲ୍ ଇତାର୍ ସିଧା ପ୍ରସାରଣ୍ କରାଯିବା । ପ୍ରଧାନ୍‌ମନ୍ତ୍ରୀଙ୍କର୍ ହିନ୍ଦୀ ଅଭିଭାଷଣ୍ ଉତ୍‌ରୁ ଆଂଚଲିକ୍ ଭାଷାଥି ଇତାର୍ ପ୍ରସାରଣ୍ କରାଯିବା ।

ଜନଗଣନା ତାଲମ୍ ଶିବିର ସମ୍ବଲପୁର ସମ୍ବାଦଦାତା

ଆଏବା ବଛର୍ ହେବାର୍‌କେ ଥିବା ଜନଗଣନା ଲାଗି ସମ୍ବଲ୍‌ପୁର୍ ନ ୩ ଟା ଖେପ୍‌ଥି ନିର୍ବାଚନ ଅଧିକାରୀ ଆଉ ପର୍ଯ୍ୟବେକ୍ଷକ ମାନ୍‌କର୍ ତାଲିମ୍ କାର୍ଯ୍ୟକ୍ରମ୍ ହେବା । ପହେଲା ଖେପ୍ ତାଲିମ୍ କାର୍ଯ୍ୟକ୍ରମ୍ ସଦର୍ ତହସିଲ୍ ପରିସର୍ ନ ମାର୍ଚ୍ଚ ୨୪ ନୁ ୨୬ ତାରିଖ୍‌ତକ୍ ହେଉଥିବାର୍ ବେଲେ ଶାସନ୍ ପିଏମ୍‌ଶ୍ରୀ ଉଚ୍ଚବିଦ୍ୟାଳୟ ନ ମାର୍ଚ୍ଚ ୩୦ ନୁ ଏପ୍ରିଲ୍ ୨ ତାରିଖ୍‌ତକ୍ ୨ ନମ୍ବର୍ ଖେପ୍ ଆଉ ଗୋଶାଲା ସର୍‌କାରୀ ଉଚ୍ଚବିଦ୍ୟାଳୟ ନ ଏପ୍ରିଲ୍ ୪ ନୁ ୭ ତାରିଖ୍‌ତକ୍ ୩ ନମ୍ବର୍ ଖେପ୍ ତାଲିମ୍ କାର୍ଯ୍ୟକ୍ରମ୍ ହେବା । ଇଥି ମୋଟ୍ ଶହେ ୩୭ ଝନ୍ ଜନଗଣନା ଅଧିକାରୀ ଆଉ ପର୍ଯ୍ୟବେକ୍ଷକ୍ ମାନ୍‌କୁ ତାଲିମ୍ ଦିଆଯିବା ।

ଆଇନ୍ ସଚେତନତା କାର୍ଯ୍ୟକ୍ରମ୍ କଲାହାଣ୍ଡି ସମ୍ବାଦଦାତା

କଲାହାଣ୍ଡି ଜିଲ୍ଲା ସମାଜ୍ କଲ୍ୟାଣ୍ କାର୍ଯ୍ୟାଳୟ ତର୍‌ଫୁ ଭବାନୀପାଟ୍‌ନା ଟାଉନ୍‌ହଲ୍ ନ ବ୍ଲକ୍‌ସ୍ତରୀୟ ଆଇନ୍ ସଚେତନତା କାର୍ଯ୍ୟକ୍ରମ୍ ଗଲାକାଏଲ୍ ହେଇଯାଇଛେ । କାର୍ଯ୍ୟକ୍ରମ୍‌ଥି ଅତିରିକ୍ତ

ଜିଲ୍ଲାପାଳ୍ ତନ୍ମୟ କୁମାର୍ ଦର୍ୱାନ୍ ମୁଖ୍ୟଅତିଥି ଭାବେ ଯୋଗ୍ ଦେଇଥିଲେ । ଇ ଅବ୍‌ସରେ ଲିଙ୍ଗଭିତିକ ହିଂସା, ମହିଳାଙ୍କର୍ ସୁରକ୍ଷା ଅଧିକାର୍, ଘରୋଇ ହିଂସା, ପୋକ୍‌ସୋ ଆଇନ୍, ପୋସ୍ ଅଧିନିୟମ୍ ବାବ୍‌ଦେ ଅତିଥି ମାନେ ବୁଝେଇଥିଲେ ।

ମାନସିକ ସ୍ୱାସ୍ଥ୍ୟ ସଚେତନତା        ବୌଦ୍ଧ ସମ୍ବାଦଦାତା

ବୌଦ୍ଧ ମୋଡ଼େଲ୍ ଡିଗ୍ରୀ କଲେଜ୍ ନ ମାନସିକ ସ୍ୱାସ୍ଥ୍ୟ ସଚେତନତା ଆଉ ଆତ୍ମହତ୍ୟା ପ୍ରତିରୋଧ୍ ଶିବିର୍ ହେଇଯାଇଛେ । କଲେଜ୍ ଅଧ୍ୟକ୍ଷ ରବୀନ୍ଦ୍ର କୁମାର୍ ସାହୁଙ୍କର୍ ସଭାପତିତ୍ୱଥି ହେଇଥିବା ଶିବିର୍‌ଥି ଅତିଥି ମାନେ ଛାତ୍ରଛାତ୍ରୀମାନ୍‌କୁ ସକାରାତ୍ମକ ଦୃଷ୍ଟିଭଙ୍ଗୀ ଆଉ ବିଫଳତାନୁ ଶିକ୍ଷା ନେବାର୍ ବାବ୍‌ଦେ ବୁଝେଇଥିଲେ ।

ଜିଲ୍ଲାପାଲ ବୈଠକ୍        ନୂଆପଡ଼ା ସମ୍ବାଦଦାତା

ନୂଆପଡ଼ା ଜିଲ୍ଲାର ସାମଗ୍ରିକ୍ ବିକାଶ୍‌କେ ତୁର୍‌ତି କର୍‌ବାର୍ ସହେତେ ଭିନ୍ ଭିନ୍ ବିଭାଗ୍ ଭିତ୍‌ରେ ତାଲ୍‌ମେଲ୍ ରଖ୍‌ବାର ଲାଗି ଗଲାକାଏଲ୍ ଜିଲ୍ଲାପାଲଙ୍କର କାର୍ଯ୍ୟାଳୟ ପରିସର ନ ଜିଲ୍ଲା ଉନ୍ନୟନ ସମିତିର୍ ଗୁଟେ ଜରୁରୀ ବୈଠକ୍ ହେଇଯାଇଛେ । ବୈଠକ୍‌ଥି ଜିଲ୍ଲାପାଲ ମଧୁସୂଦନ ଦାଶ ଅଧ୍ୟକ୍ଷତା କରି କରି ଜିଲ୍ଲା ନ ଚାଲିଥିବା ଉନ୍ନୟନ ପ୍ରକଳ୍ପମାନ୍‌କର ନିର୍ମାଣ କାମ୍ ତୁର୍‌ତି ସାର୍‌ବାର୍ ଲାଗି ଅଧିକାରୀମାନ୍‌ଙ୍କୁ ନିର୍ଦ୍ଦେଶ୍ ଦେଇଛନ୍ ।

ଓଡ଼ିଶା ଦିବସ୍ ପ୍ରତିଯୋଗିତା ବଲାଙ୍ଗୀର ସମ୍ବାଦଦାତା

ଓଡ଼ିଶା ଦିବସ୍ ପାଲନ୍ ଲାଗି ବଲାଙ୍ଗୀର ଲୋକ ସମ୍ପର୍କ ବିଭାଗ୍ ତର୍‌ଫୁ ଗଲାକାଏଲ୍ ଛାତ୍ରଛାତ୍ରୀମାନଙ୍କୁ ନେଇକରି ଭିନ୍ ଭିନ୍ ପ୍ରତିଯୋଗିତା ହେଇଯାଇଛେ । ପ୍ରତିଯୋଗିତାର୍ କୃତୀ ଛାତ୍ରଛାତ୍ରୀମାନଙ୍କୁ ଓଡ଼ିଶା ଦିବସ୍ ମୁଖ୍ୟ ସମାରୋହ ଅବ୍‌ସରେ ସମ୍ବର୍ଦ୍ଧିତ୍ କରାଯିବା ।